# Akashvani, Sambalpur

## SAMBALPURI NEWS EVENING BULLETIN

## 12 November 2024- 7.02 pm- 7.12 pm.

*********************************************

୧- ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୂଆଦିଲ୍ଲୀ ନ ପ୍ରବାସୀ ଭାରତୀୟ ଦିବସ୍ ଲାଗି ୱେବ୍‌ସାଇଟ୍‌ର କଲେ ଲୋକାର୍ପଣ୍ ।

୨- ଭୁବ୍‌ନେଶ୍ୱର୍ ନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟମାନ୍‌କର୍ କଳା ଉତ୍ସବ୍ - ଉଭବ ହେଲା ମୁଳ୍ ।

୩- ରାଏଜେ ମୋ ବସ୍ ସେବାକେ ଅଏତ୍‌କା ସରଳ କର୍‌ବାର୍ ଲାଗି ମୁଳ୍ ହେଲା ଅନ୍‌ଲାଇନ୍ ଟିକଟ୍ ସେବା ।

ଆଉର୍

୪- କାର୍ତ୍ତିକ୍ ମାସର୍ ପଂଚ୍‌କ ବ୍ରତ ଆଏଜ୍‌ଠାନୁ ହେଲା ମୁଳ୍ ।

- ଶ୍ରୀମନ୍ଦିର୍ ନ ଲକ୍ଷ୍ମୀ ନାରାୟଣ ବେଶଥି ଦର୍ଶନ୍ ଦେଲେ ମାହାପୁରୁ ।

ମୁଖ୍ୟମନ୍ତ୍ରୀ-ପ୍ରବାସୀ ଭାରତୀୟ ୱେବ୍‌ସାଇଟ୍
ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୂଆଦିଲ୍ଲୀ ଜବାହାର୍‌ଲାଲ୍ ନେହେରୁ ଭବନ୍ ନ ଆଏଜ୍ ପ୍ରବାସୀ ଭାରତୀୟ ଦିବସ୍ ଲାଗି ୱେବ୍‌ସାଇଟ୍‌ର ଲୋକାର୍ପଣ୍ କରିଛନ୍ । ଇ ଅବ୍‌ସରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର୍ ଏସ୍. ଜୟଶଙ୍କର୍ ଉପସ୍ଥିତ୍ ଥିଲେ । ଆଏବା ଜାନୁଆରୀ ୮ ତାରିଖ୍‌ନୁ ୧୦ ତାରିଖ୍‌ତକ୍ ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ନ ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍ ହେବା । ଇଥି ଭିନ୍ ଭିନ୍ ଦେଶର୍ ରାଷ୍ଟ୍ରଦୂତ, ଶିଳ୍ପପତି ଆର୍ ବ୍ୟକ୍ତିବିଶେଷ ଯୋଗ୍ ଦେବେ । ଇନ ଜନେଇ ଦିଆଯାଇପାରେ ଯେ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ୨ ଦିନିଆ ଦିଲ୍ଲୀ ଗସ୍ତଥି ଯାଇଛନ୍ । ଶ୍ରୀ ମାଝୀ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ଫିର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଉଭବ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ନ ପହେଲାଥର୍ ଲାଗି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ମାନ୍‌କର୍ ୫ ନମ୍ବର୍ ଜାତୀୟ ସାଂସ୍କୃତିକ, ସାହିତ୍ୟିକ

ଆଉ କଳା ଉତ୍ସବ୍ -୨୦୨୪ 'ଉଦ୍ଭବ' ଆଏଜ୍ଠାନୁ ମୁଲ୍ ହେଇଛେ । ଭୁବ୍‌ନେଶ୍ୱର୍‌ର ଗୁଟେ ଘରୋଇ ବିଶ୍ୱବିଦ୍ୟାଳୟ ନ ହେଇଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ କେନ୍ଦ୍ର ଜନଜାତି ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ ଯୋଗ୍ ଦେଇକରି ଏକଲବ୍ୟ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କୁ ଉତ୍ସାହିତ କରିଛନ୍ । ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଜନଜାତି ମନ୍ତ୍ରଣାଳୟର୍ ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ, ସଂଖ୍ୟାଲଘୁ ସମ୍ପ୍ରଦାୟ ଆଉ ପଛୁଆବର୍ଗ କଲ୍ୟାଣ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ  ଯୋଗ୍ ଦେଇକରି ସଭାକେ ସମ୍ବୋଧିତ୍ କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଇ କାର୍ଯ୍ୟକ୍ରମ୍ ଆଏବା ୧୫ ତାରିଖ୍‌ତକ୍ ଚାଲ୍‌ବା । ଇ ଅବ୍‌ସରେ ଭିନ୍ ଭିନ୍ ପ୍ରତିଯୋଗିତାମାନ୍ ଆୟୋଜନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ୨୨ ଟା ରାଜ୍ୟନୁ ୧୪ ଶହ ନୁ ଅଏତ୍‌କା ଛାତ୍ରଛାତ୍ରୀ ସାମିଲ୍ ହେଇଛନ୍ । ଇ ଛାତ୍ରଛାତ୍ରୀମାନ୍‌କୁ ରାଜ୍ୟର୍ ଭିନ୍ ଭିନ୍ ଐତିହାସିକ୍ ଜାଗା ବୁଲାବାର୍‌କେ ନେବାର୍ କାର୍ଯ୍ୟକ୍ରମ୍ ରହିଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ          ଆର୍‌ଏନ୍‌ୟୁ/କଟକ୍

ଦେଶ୍‌କେ ୨୦୪୭ ମସିହାତକ୍ ବିକଶିତ ରାଷ୍ଟ୍ରଥି ପରିଣତ୍ କର୍‌ବାର୍‌ଥି ଶିକ୍ଷା ସାହାଜ୍ ହେବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଦିଲ୍ଲୀ ନ ରାଜ୍ୟ ଆଉ

କେନ୍ଦ୍ରଶାସିତ ଇଲାକାର୍ ସଚିବମାନ୍‌କର୍ ସାଙ୍ଗେ ଉଚ୍ଚ ଆଉ ବୈଷୟିକ ଶିକ୍ଷା ଉପ୍‌ରେ ୨ ଦିନିଆ ଜାତୀୟ କର୍ମଶାଳାକେ ସମ୍ବୋଧିତ୍ କରିକରି ଶ୍ରୀ ପ୍ରଧାନ୍ ଶିକ୍ଷା କ୍ଷେତ୍ର ନ ଭିତିଭୂମି, ନେତୃତ୍ୱ, ପାଠ୍ୟକ୍ରମ, ଗବେଷଣା ଆର୍ କେମ୍ପସ୍ ଜୀବନ୍ ବାଗିର୍ ୫ ଟା ଦିଗ୍ ଉପ୍‌ରେ ଜୋର୍ ଦେଇଥିଲେ । ଇ କର୍ମଶାଳା ରାଜ୍ୟର୍ ଶିକ୍ଷାନୁଷ୍ଠାନ୍ ମାନ୍‌କେ ନୂଆଁ ଶିକ୍ଷାନୀତିକେ ଗ୍ରହଣ୍ କର୍‌ବାର୍ ଲାଗି ତହଁକାବାର୍ ସହେତେ ସାରା ଦେଶେ ଅଏତ୍‌କା ବର୍‌କସ୍, ସମାବେଶୀ ଆର୍ ବିଶ୍ୱସ୍ତରୀୟ ପ୍ରତିଯୋଗିତା ମୂଲକ୍ ଶିକ୍ଷା ବ୍ୟବସ୍ଥା ଲାଗି ରାସ୍ତା ତିଆର୍‌ବା । ଇ ଦୁଇଦିନିଆ କର୍ମଶାଳାଥି ଜାତୀୟ ଶିକ୍ଷାନୀତି ୨୦୨୦ ର କାର୍ଯ୍ୟକାରିତା, ଆହ୍ୱାନ୍ ଆର୍ ରୋଡ୍‌ମେପ୍ ବାଗିର୍ ବିଷୟବସ୍ତୁ ଉପ୍‌ରେ ୧୪ ଟା ବୈଷୟିକ ଅଧିବେଶନ୍ ହେବା ।

ମୋ ବସ୍- ଅନ୍‌ଲାଇନ୍ ଟିକଟ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ମୋ ବସ୍ ସେବାକେ ଅଏତ୍‌କା ସରଳ କର୍‌ବାର୍ ଲାଗି ଗୁଟେ ବଡ଼ ପଦକ୍ଷେପ୍ ନେଇଛନ୍ । କ୍ୟାପିଟାଲ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ - କ୍ରୁଟ୍ ଓପନ୍ ନେଟ୍‌ୱାର୍କ ଫର୍ ଡିଜିଟାଲ୍ କମର୍ସ- ଓଏନ୍‌ଡିସି ପ୍ଲାଟ୍‌ଫର୍ମଥି ଡିଜିଟାଲ୍

ଟିକେଟ୍ ବିକ୍ରେତା ଭାବେ ପଞ୍ଜିକୃତ ହେଇଛେ । ଓଏନ୍‌ଡିସି ସାଙ୍ଗେ କୁଟ୍ ମିଶ୍‌ବାର୍‌ନୁ ମୋ ବସ୍‌ର ନିଜର୍ ଆପ୍‌ନୁ ଯାତ୍ରୀମାନେ ଅନ୍‌ଲାଇନ୍ ଟିକେଟ୍ ଘିନି କରି ଯାତ୍ରା କରିପାର୍‌ବେ । ଇ ଅବ୍‌ସରେ ଗୃହନିର୍ମାଣ ଆଉ ନଗର ଉନ୍ନୟନ୍ ବିଭାଗ୍‌ର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କର୍ ସହେତେ କୁଟ୍‌ର ପରିଚାଲନା ନିର୍ଦ୍ଦେଶକ ଡକ୍ଟର୍ ଏନ୍. ଥିରୁମାଲା ନାୟକ୍, ଓଏନ୍‌ଡିସିର ଉପସଭାପତି ନିତିନ୍ ନାୟକଙ୍କର୍ ଉପସ୍ଥିତିଥି ମୋ ବସ୍‌ର ଗୁଟେ ଅନ୍‌ଲାଇନ୍ ଟିକଟ୍ ଚଲୋ ଆପ୍ ଜରିଏ କଟାଯାଇଛେ ।

ସର୍‌କାରୀ ଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ଆଏବା ବଛର୍ ପାଲିତ୍ ହେବାର୍‌କେ ଥିବା ପର୍ବପର୍ବାଣୀ ଆର୍ ସ୍ମରଣୀୟ ଦିବସ୍ ଅବ୍‌ସରେ ୨୬ ଦିନ୍ ଛୁଟି ଘୋଷ୍‌ନା କରିଛନ୍ । ଇ ଛୁଟି ରାଜ୍ୟର୍ ସବୁ ସର୍‌କାରୀ କାର୍ଯ୍ୟାଳୟ ଆଉ ମାଜିଷ୍ଟ୍ରେରିଆଲ୍ କୋର୍ଟ ମାନ୍‌କେ ଲାଗୁ ହେବା । ଇତାର୍‌ଛଡ଼ା ରାଜ୍ୟ ସର୍‌କାରୀ କର୍ମଚାରୀମାନେ ଧାର୍ମିକ୍ କାମ୍ ଲାଗି ସେମାନ୍‌କର୍ ଇଛା ଅନ୍‌ସାରେ ସର୍‌କାର୍‌ଙ୍କର୍ ତର୍‌ଫୁ ଦିଆଯାଇଥିବା ୮ ଟା ଛୁଟି ଭିତ୍‌ରୁ ଗୁଟେ ଛୁଟି ନେଇପାର୍‌ବେ । ସେନ୍ତା ରାଜ୍ୟର୍ ସବୁ ବେଙ୍କ୍

ଆଉ ଅଲ୍‌ଗା ବେଙ୍କିଙ୍ଗ ସଂସ୍ଥାମାନ୍‌କର୍ ଲାଗି ମୋଟ୍ ୨୦ ଟା ଛୁଟି ଘୋଷ୍‌ନା କରାଯାଇଛେ ।

ଅଦାଲତ୍ ଉଦ୍‌ଘାଟିତ କଲାହାଣ୍ଡି

କଲାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼୍ ଠାନେ ଦେଓ୍ୱାନୀ ଜଜ୍ ଆର୍ ପ୍ରଥମ ଶ୍ରେଣୀ ବିଚାର୍ ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କର୍ ଅଦାଲତ୍ ଆଏଜ୍ ଉଦ୍‌ଘାଟିତ୍ ହେଇଛେ । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ ଇଟାକେ ଆଭାସୀ ଜରିଏ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଲାଞ୍ଜିଗଡ଼୍ ଠାନେ ହେଇଥିବା ଉଦ୍‌ଘାଟନୀ ସମାରୋହଥି କଲାହାଣ୍ଡି ଜିଲ୍ଲାର୍ ଜିଲ୍ଲା ଆଉ ଦୌରା ଜଜ୍ ଅନୁପ୍ ରଞ୍ଜନ୍ ପଟ୍ଟନାୟକ୍, ଭବାନୀପାଟ୍‌ନା ସିଭିଲ୍ କୋର୍ଟର ରେଜିଷ୍ଟ୍ରାର୍ ଚରଣ୍‌ଜିତ୍ ଓରାମ୍, ଲାଞ୍ଜିଗଡ଼୍ ଜେଏମ୍‌ଏଫ୍‌ସି ନାଜିଦା ଖାତୁନ୍ ଉପସ୍ଥିତ୍ ଥିଲେ ।

ସେନ୍ତା ଦେବ୍‌ଗଡ଼୍ ଜିଲ୍ଲା ବାର୍‌କୋଟ ବ୍ଲକ୍ ନ ନୂଆଁ ଜୁନିଅର୍ ଡିଭିଜିନ୍ ଜେଏମ୍‌ଏଫ୍‌ସି କୋର୍ଟକେ ଆଭାସି ଜରିଏ ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ବାର୍‌କୋଟ ଠାନେ ହେଇଥିବା ଗୁଟେ ସମାରୋହଥି ହାଇକୋର୍ଟ ବିଚାର୍‌ପତି ଭି. ନରସିଂହ ଉପସ୍ଥିତ୍ ଥିଲେ ।

ହାଇକୋର୍ଟ-ଭରତ୍‌ପୁର୍ ଥାନା ମାମ୍‌ଲା   ଆର୍‌ଏନ୍‌ୟୁ/କଟକ୍

ଓଡ଼ିଶା ହାଇକୋର୍ଟ ଭରତ୍‌ପୁର୍ ଥାନା ମାମ୍‌ଲାର୍ ଶୁଣାଣି କରିଛନ୍ । ରାଜ୍ୟ ପୁଲିସ୍ ମୁଖ୍ୟାଲୟ ଏଡିଜି ଦୟାଲ୍ ଗଙ୍ଗୱାର୍ ଅଦାଲତ୍‌ଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ରାଜ୍ୟର୍ ୯୬ ପ୍ରତିଶତ୍ ଥାନା ନ ସିସିଟିଭି ଲାଗିଥିବା ହାଇକୋର୍ଟଙ୍କୁ ଜନେଇଛନ୍ । ଇ ମାସ୍ ଶେଷ୍‌ତକ୍ ବାକି ଥାନାମାନ୍‌କେ ସିସିଟିଭି ଲଗାଯିବା ବଲି ସେ କହିଛନ୍ । ପୁଲିସ୍ ଆଉଟ୍‌ପୋଷ୍ଟ ଆଉ ନୂଆଁ ପୁଲିସ୍ କାର୍ଯ୍ୟାଲୟମାନ୍‌କେ ଆଏବା ବଛର୍ ମାର୍ଚ୍ଚ ମାସର୍ ଶେଷ୍‌ତକ୍ ସିସିଟିଭି ଲଗାଯିବା ବଲି ଶ୍ରୀ ଗଙ୍ଗୱାର୍ ହାଇକୋର୍ଟଙ୍କୁ ଜନେଇଛନ୍ ।

ପୁରୀଶ୍ରୀମନ୍ଦିର୍-ହରି ଉଥାପନ ଏକାଦଶୀ /ଆର୍‌ଏନ୍‌ୟୁ/ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍‌ଠାନୁ ପଂଚ୍‌କ ବ୍ରତ ମୁଲ୍ ହେଇଥିବାର୍ ବେଲେ ଲାଖ୍ ଲାଖ୍ ଭକ୍ତଙ୍କର୍ ଭିଡ୍ ହେଇଛେ । ଇ ବଛର୍ ପଂଚକ୍ ବ୍ରତ ୫ ଦିନ୍ ବଦ୍‌ଲା ୪ ଦିନ୍ ପଡୁଥିବାର୍‌ନୁ ଆଏଜ୍

ହରି ଉଥାପନ ଏକାଦଶୀ ହେଇଛେ । ଇ ଅବ୍‌ସରେ ମାହାପୁରୁଙ୍କର୍ ଲକ୍ଷ୍ମୀ ନାରାୟଣ୍ ବା ଠିଆକିଆ ବେଶ ହେଇଥିଲା । ଆଏବା କାଏଲ୍ ଦ୍ୱାଦଶୀ ତିଥିଥି ମାହାପୁରୁଙ୍କର୍ ବାଙ୍କଚୂଡ଼ା ବେଶ ହେବା । ସେନ୍ତା ଶ୍ରୀମନ୍ଦିର୍ ନ ଆଏବା କାଏଲ୍ ଗରୁଡ୍ ଉଥାପନ ନୀତି ପାଲନ୍ କରାଯିବା । ଭକ୍ତମାନ୍‌କର୍ ଭିଡ୍‌କେ ନଜର୍‌ଥି ରଖିକରି ଜିଲ୍ଲା ପୁଲିସ୍ ପ୍ରଶାସନ୍ ତରଫୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ ।

ସୁବର୍ଣ୍ଣପୁର୍- ପଂଚ୍‌କ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପାତାଳି ଶ୍ରୀକ୍ଷେତ୍ର ସହେତେ ଜିଲ୍ଲାର୍ ସବୁ ଦେବାଳୟ ମାନ୍‌କେ ପଂଚକ୍ ଲାଗି ଭିଡ୍ ହେଇଛେ । ପାତାଳି ଶ୍ରୀକ୍ଷେତ୍ର ନ ତିନ୍‌ହି ମାହାପୁରୁଙ୍କର୍ ପଂଚ୍‌କ ନୀତି ମୁଲ୍ ହେଇଥିବାର୍ ବେଲେ ଲକ୍ଷ୍ମୀନାରାୟଣ୍‌ଙ୍କର୍ ଠିଆକିଆ ବେଶ ଭକ୍ତମାନ୍‌କୁ ଦର୍ଶନ୍ ଦେଉଛନ୍ । ମହାନଦୀ ସ୍ୱର୍ଣ୍ଣପ୍ରୟାଗ ଘାଟ ଆଉ ପାପକ୍ଷୟ ଘାଟ ନ ଆଏଜ୍ ପହପହନୁ ହଜାର୍ ହଜାର୍ ଲୋକ୍ ପଂଚ୍‌କ ବୁଡ଼ ପକେଇକରି ମାହାପୁରୁଙ୍କର୍ ଦର୍ଶନ୍ କରିଛନ୍ । ଖାସ୍ କରି ବାବା ରାମେଶ୍ୱର୍, ସୁବର୍ଣ୍ଣମେରୁଙ୍କର୍ ସହେତେ ବାବା

କୋଶଳେଶ୍ୱର, କପିଳେଶ୍ୱର, ଗୋଧନେଶ୍ୱର୍ ଆର୍ ଚମ୍ପେଶ୍ୱର୍ ବାଗିର୍ ଶିବମନ୍ଦିର୍ ମାନ୍‌କେ ଭକ୍ତମାନ୍‌କର ଭିଡ଼୍ ଲାଗି ରହିଛେ ।

ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ତାଲିମ୍ କାର୍ଯ୍ୟକ୍ରମ   କଲାହାଣ୍ଡି

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାର୍ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନ ଜିଲ୍ଲା ପ୍ରଶାସନ୍ ତର୍ଫୁ ୨ ଟା ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଶହେ ଝନ୍ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କର୍ ଲାଗି ନିଟ୍, ଜେଇଇ, ଓୟୁଏଟି ଲାଗି ମାହାଲିଆ ତାଲିମ୍ କାର୍ଯ୍ୟକ୍ରମ୍‌କେ  ଜିଲ୍ଲାପାଲ୍ ପଓ୍ୱନ୍ ସଚିନ୍ ପ୍ରକାଶ ପହେଲା କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଥିଲେ । ଇତାର୍‌ଛଡ଼ା ୨ ନମ୍ବର୍ କାର୍ଯ୍ୟକ୍ରମ୍‌କେ ମାଇନିଂ ସ୍କିଲ୍ କାଉନ୍‌ସିଲ୍ ତର୍ଫୁ ଥୁଆମୁଲ୍ ରାମ୍‌ପୁର୍ ଆର୍ ଲାଞ୍ଜିଗଡ୍ ଅଂଚଲ୍‌ର ୩ ଶହ ଜନଜାତି ଛାତ୍ରଛାତ୍ରୀଙ୍କର୍ ଲାଗି ଭିନ୍ ଭିନ୍ ପ୍ରକାରର୍ ମାଇନିଂ ନିଯୁକ୍ତି ପାଠ୍ୟକ୍ରମ୍‌କେ ଭିଲ୍ ଜିଲ୍ଲାପାଲ୍ ଉଦ୍‌ଘାଟନ୍ କରିଥିଲେ ।

କ୍ଲଷ୍ଟର୍‌ସ୍ତରୀୟ ଦେଶୀ ବିହନ,ଖାଦ୍ୟ ମେଳା   ବର୍‌ଗଡ୍

ବର୍ଗଡ୍ ଜିଲ୍ଲା ଗାଇସିଲେଟ୍ ବ୍ଲକ୍ର କଠଉମାଲ୍ ଠାନେ ଆଏଜ୍ କ୍ଲଷ୍ଟରସ୍ତରୀୟ ଦେଶୀ ବିହନ୍ ଆଉ ଖାଦ୍ୟ ମେଳା ହେଇଯାଇଛେ । ଗାଇସିଲେଟ୍ ବ୍ଲକ୍ ଅଧ୍ୟକ୍ଷ ପ୍ରଣୟ ସାହୁ ଇଟାକେ ଉଦ୍‌ଘାଟନ କରିଥିଲେ । ଇଥି ଭିନ୍ ଭିନ୍ ସ୍ୱୟଂ ସହାୟିକା ଗୋଷ୍ଠୀ ତର୍ଫୁ ଦେଶୀ ଖାଦ୍ୟ, ଜୈବିକ୍ ପଦ୍ଧତିଥି ହେଇଥିବା ପନିପରିବା, ଡାଲି ଜାତୀୟ ଶସ୍ୟ, ମୁଗ, ବିରି, କୁଲୁଥ୍, ମଡ଼ିଆ ବାଗିର୍ ଶହେ ନୁ ଅଏତ୍‌କା ପ୍ରଜାତିର୍ ଦେଶୀ ବିହନ୍ ଠାନ୍ ପାଇଥିଲା ।

ବୌଦ୍ଧ ଜିଲ୍ଲା ବିଜେପି କୃଷକ୍ ମୋର୍ଚ୍ଚା ବୈଠକ        ବୌଦ୍ଧ

ବୌଦ୍ଧ ଜିଲ୍ଲା ବିଜେପି କୃଷକ୍ ମୋର୍ଚ୍ଚାର ଗୁଟେ ବୈଠକ୍ ହେଇଯାଇଛେ । ଜିଲ୍ଲାସଭାପତି ରବୀନ୍ଦ୍ର କୁମାର୍ ଦେଓଙ୍କର୍ ସଭାପତିତ୍ୱଥି ହେଇଥିବା ଇ ବୈଠକ୍‌ଥି ଖରିଫ୍ ଧାନ୍ ଘିନା ବାବ୍‌ଦେ କୃଷକ୍ ମୋର୍ଚ୍ଚାର୍ କାର୍ଯ୍ୟକର୍ତାମାନେ ତଦାରଖ୍ କର୍‌ବେ ବଲି କହିଥିଲେ ।

ବୁର୍ଲା- ଦୁର୍ଘଟଣା- ୨ ମୃତ        ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ବୁର୍ଲା ଥାନା ବାବୁବନ୍ଧ ପାଖର୍ ଜାତୀୟ ରାଜ୍‌ପଥ୍ ନ ଆଏଜ୍ ଗୁଟେ ସଡ଼କ୍ ଦୁର୍ଘଟଣାଥି ୨ ଝନ୍ ବାଇକ୍ ଆରୋହୀଙ୍କର୍ ଜୀବନ୍ ଯାଇଛେ । ସୂଚ୍‌ନା ଅନ୍‌ସାରେ ଲୁହାରଡ଼୍ ବୋଝେଇ ଟ୍ରାକ୍ଟର୍ ଡିଭାଇଡର୍ ନ ପିଟି ହେଇଥିଲା । ଇ ସମିଆଥି ପଛ୍‌ଆଡୁ ଆସୁଥିବା ୨ ଝନ୍ ବାଇକ୍ ଆରୋହୀ ଟ୍ରାକ୍ଟର୍‌ଥି ପିଟି ହେବାର୍‌ନୁ ଇ ଦୁର୍ଘଟଣା ଘଟିଥିଲା ।

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍‌ଲାଗି ସମ୍ବଲପୁରୀ, ସାନ୍ତାଳି ଆଉ ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍‌ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍‌କର୍ ନୁ ଇଥିର୍‌ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍‌ସାଇଟ୍

prasarbharati.gov.in ର ଭେକେନ୍‌ସିଜ୍ ବିଭାଗ୍‌କେ ଯାଇକରି ବିଜ୍ଞାପନ୍‌ର ସବିଶେଷ୍ ବିବରଣୀ ଜାନିପାର୍‌ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଆଏ ।

ବିଜୁ ପଟ୍ଟନାୟକ୍ ଅନ୍ତର୍ଜାତୀୟ ବିମାନ୍ ବନ୍ଦର

ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ବିଜୁ ପଟ୍ଟନାୟକ୍ ଅନ୍ତର୍ଜାତୀୟ ବିମାନ୍ ବନ୍ଦର୍ ନ ଇନ୍‌ଲାଇନ୍ ଲଗେଜ୍ ହେଣ୍ଡଲିଙ୍ଗ୍ ସିଷ୍ଟମ୍ ବ୍ୟବସ୍ଥା ମୁଲ୍ ହେଇଛେ । ବେସାମରିକ ବିମାନ୍ ଚଲାଚଲ୍ ବିଭାଗ୍‌ର ଅନୁମତି ଉତ୍‌ରୁ ୨୫ କୋଟି ଟଙ୍କା ଖର୍ଚ୍ଚାଥି ଇ ନୂଆଁ ସୁରକ୍ଷା ବ୍ୟବସ୍ଥା ଆରମ୍ଭ୍ କରାଯାଇଛେ । ଇଥିର୍‌ଲାଗି ଚେକ୍‌ଇନ୍ ଜାଗା ନ ଭିଡ୍ କମ୍‌ବାର୍ ସହେତେ ବେଗ୍ ଯାଂଚ୍ ପ୍ରକ୍ରିୟା ସରଳ ହେବା । ବିମାନ୍ ବନ୍ଦର୍ ମାନ୍‌କେ ଥରଥର୍ ବୋମା ଧମକ୍ ମିଲୁଥିବାର୍‌ନୁ ଇ ସୁରକ୍ଷା ବ୍ୟବସ୍ଥା କରାଯାଇଛେ ।